# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 11 February - 2026

*********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାକୁ ମାଓବାଦୀ ମୁକ୍ତ କରିବା ଲକ୍ଷ୍ୟରେ ପୁନର୍ବାସ ନୀତିରେ ଦ୍ୱିତୀୟ ସଂଶୋଧନ ଆଣିଲେ ରାଜ୍ୟ ସରକାର
- ଦେଶର ଘରୋଇ କ୍ଷେତ୍ରରେ ସୌରଶକ୍ତି ଉତ୍ପାଦନ କ୍ଷମତା ୧୪୪ ଗିଗାୱାଟ୍‌ରେ ପହଁଞ୍ଚିଥିବା କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କ ସୂଚନା
- ରାଜ୍ୟରେ ଗାଡ଼ିଚାଳକଙ୍କ ପାଇଁ ପ୍ରଦୂଷଣ ପ୍ରମାଣପତ୍ର ବାଧ୍ୟତାମୂଳକ; କହିଲେ ପରିବହନ ମନ୍ତ୍ରୀ

ଏବଂ

- ବିଶିଷ୍ଟ ଚିନ୍ତାନାୟକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥିରେ ଦେଶବାସୀଙ୍କ ଶ୍ରଦ୍ଧାଞ୍ଜଳି

## ମାଓବାଦୀ ମୁକ୍ତ

ଓଡ଼ିଶାକୁ ମାଓବାଦୀ ମୁକ୍ତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ସେମାନଙ୍କ ପୁନର୍ବାସ ନୀତିରେ ଗତ ଦୁଇ ମାସ ମଧ୍ୟରେ ଦ୍ୱିତୀୟ ଥର ପାଇଁ ସଂଶୋଧନ ଆଣିଛନ୍ତି। ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଥଇଥାନ ଓ ପୁନର୍ବାସ ପ୍ୟାକେଜ୍‌ରେ ସର୍ବଭାରତୀୟ ସ୍ତରର କ୍ୟାଡରମାନଙ୍କ ପାଇଁ ନୂତନ ବ୍ୟବସ୍ଥା କରାଯାଇଛି।

ନୂତନ ନିୟମ ଅନୁଯାୟୀ, ଯଦି କୌଣସି ମାଓବାଦୀ ଓଡ଼ିଶାର ବାସିନ୍ଦା ନୁହଁନ୍ତି କିନ୍ତୁ ରାଜ୍ୟରେ ସକ୍ରିୟ ଅଛନ୍ତି, ସେମାନେ ମଧ୍ୟ ପୁନର୍ବାସ ଯୋଜନାର ସମସ୍ତ ସୁବିଧା ପାଇପାରିବେ। କେନ୍ଦ୍ରୀୟ କମିଟି ବା ପଲିଟ୍‌ବ୍ୟୁରୋ ସଭ୍ୟଙ୍କ ପାଇଁ ସର୍ବାଧିକ ୧ କୋଟି ୧୦ ଲକ୍ଷ ଟଙ୍କା, ରାଜ୍ୟ କମିଟି ସଭ୍ୟଙ୍କ ପାଇଁ ୫୫ ଲକ୍ଷ ଟଙ୍କା ଓ ଆଞ୍ଚଳିକ କମିଟି ସଭ୍ୟଙ୍କ ପାଇଁ ୩୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ଧାର୍ଯ୍ୟ କରାଯାଇଛି। ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରୁଥିବା କ୍ୟାଡରମାନଙ୍କ ପାଇଁ ସରକାର ସ୍ୱତନ୍ତ୍ର ରାଶି ଘୋଷଣା କରିଛନ୍ତି। ଯାହାଙ୍କ ନାମରେ ୫ ଲକ୍ଷ ଟଙ୍କାରୁ ଅଧିକ ପୁରସ୍କାର ରାଶି ଘୋଷଣା କରାଯାଇଥିବ, ସେହି ସକ୍ରିୟ ମାଓବାଦୀମାନେ ଆତ୍ମସମର୍ପଣ କଲେ ସେମାନଙ୍କୁ ଅତିରିକ୍ତ ୧୦ ଲକ୍ଷ ଟଙ୍କା ଏକକାଳୀନ

ରାଶି ରୂପେ ସ୍ଥାୟୀ ଜମା ଆକାରରେ ଦିଆଯିବ। ଅସ୍ତ୍ର ନଥାଇ ଆତ୍ମସମର୍ପଣ କରିଥିଲେ ମଧ୍ୟ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଦିଆଯିବ।

୨୦୨୫ ନଭେମ୍ବର ୨୭ ତାରିଖରେ ଜାରି ସଂଶୋଧିତ ପୁନର୍ବାସ ନୀତିକୁ ମାତ୍ର ତିନି ମାସ ମଧ୍ୟରେ ପୁଣିଥରେ ପରିବର୍ତ୍ତନ କରାଯାଇଛି। କେନ୍ଦ୍ର ସରକାର ମାର୍ଚ୍ଚ ଶେଷ ସୁଦ୍ଧା ଦେଶକୁ ମାଓବାଦୀ ମୁକ୍ତ କରିବାର ଲକ୍ଷ୍ୟ ରଖିଛନ୍ତି।

Desk

## ଏଲ୍‌ଏସ୍-ସୋଲାର

ଦେଶର ଘରୋଇ କ୍ଷେତ୍ରରେ ସୌରଶକ୍ତି ଉତ୍ପାଦ କ୍ଷମତା ୧୪୪ ଗିଗାୱାଟ୍‌ରେ ପହଞ୍ଚିଛି ବୋଲି ନୂତନ ଓ ନବୀକରଣୀୟ ଶକ୍ତିମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି । ଲୋକସଭାରେ ଆଜି ପ୍ରଶ୍ନକାଳରେ  ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଯୋଶୀ କହିଛନ୍ତି, ପୂର୍ବରୁ ସୌରଶକ୍ତି ଉତ୍ପାଦନ କେବଳ ୬ରୁ ୭ ଗିଗାୱାଟ୍ ମଧ୍ୟରେ ସୀମିତ ରହିଥିଲା । ଏ କ୍ଷେତ୍ରରେ ଏବେ କ୍ଷମତା ବୃଦ୍ଧି ପାଇବା ସହିତ ରପ୍ତାନୀ କରିବା ସ୍ଥିତିରେ ମଧ୍ୟ ଦେଶ ପହଞ୍ଚିଲାଣି ବୋଲି ସେ ସୂଚନା ଦେଇଛନ୍ତି । ସେ କହିଛନ୍ତି, ସବୁଜ ଶକ୍ତି କରିଡର ପ୍ରଥମ ପର୍ଯ୍ୟାୟ ଅଧୀନରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ୧୦ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି । ଏହାର ଦ୍ୱିତୀୟ ପର୍ଯ୍ୟାୟରେ ୧୨

ହଜାର କୋଟି ଟଙ୍କା ଆବଣ୍ଟନ କରାଯାଇଛି ବୋଲି ସେ ଗୃହକୁ ସୂଚନା ଦେଇଛନ୍ତି ।

Nabarangpur

## ମୁଖ୍ୟମନ୍ତ୍ରୀ–ନବରଙ୍ଗପୁର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଶୁକ୍ରବାର ଦିନ ନବରଙ୍ଗପୁର ଗସ୍ତରେ ଯିବାର କାର୍ଯ୍ୟସୂଚୀ ରହିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ଜିଲ୍ଲାରେ ମେଡିକାଲ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ ସହ କ୍ରୀଡ଼ା କମ୍ପ୍ଲେକ୍ସ, ମଣ୍ଡେଇ ପଡ଼ିଆର ଉନ୍ନତୀକରଣ, ହିର୍ଲି ଡଙ୍ଗରୀର ପର୍ଯ୍ୟଟନ ବିକାଶ ସମେତ ଅନ୍ୟାନ୍ୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ରାଜ୍ୟସ୍ତରରେ ଶ୍ରୀଜଗନ୍ନାଥ ତୀର୍ଥଯାତ୍ରାର ଶୁଭାରମ୍ଭ କରିବେ । ଏ ନେଇ ଆଜି ନବରଙ୍ଗପୁର ସର୍କିଟ ହାଉସ୍‌ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା, ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ ।

BBSR/R

## ପ୍ରଦୂଷଣ ପ୍ରମାଣପତ୍ର

ରାଜ୍ୟରେ ଗାଡ଼ି ଚାଳକଙ୍କ ପାଇଁ ପ୍ରଦୂଷଣ ପ୍ରମାଣପତ୍ର କରାଇବା ବାଧ୍ୟତାମୂଳକ ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି । ମନ୍ତ୍ରୀ କହିଛନ୍ତି, ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ସେଥିପାଇଁ ନିର୍ଦ୍ଧାରିତ ଜରିମାନା ରାଶିକୁ ହ୍ରାସ ପାଇଁ ଯୋଜନା ଚାଲିଛି ।

**- V/O -**

ସୂଚନା ଅନୁସାରେ, ପ୍ରଦୂଷଣ ପ୍ରମାଣପତ୍ର ସମ୍ପର୍କିତ ଜନସ୍ୱାର୍ଥ ମାମଲାକୁ ଗତକାଲି ଓଡ଼ିଶା ହାଇକୋର୍ଟ ଖାରଜ କରିଥିଲେ। ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଥିଲେ, ଗାଡ଼ିଚାଳକ ବକେୟା ଚାଲାଣ ପୈଠ ନ କଲେ ପ୍ରଦୂଷଣ ପ୍ରମାଣପତ୍ର ମିଳିବ ନାହିଁ। ଗାଡି ଚାଳକମାନେ ଚାଲାଣ ପୈଠ କରିବାକୁ ବାଧ୍ୟ। ପୂର୍ବରୁ ହାଇକୋର୍ଟ ଏହି ମାମଲାରେ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ।

Ganjam

## ଯାତ୍ରୀବାହୀ ରହଣି

ବାଣିଜ୍ୟ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଡୁଡୁମା କଲୋନୀସ୍ଥିତ ଯାତ୍ରୀବାହୀ ଯାନ ରହଣି ସ୍ଥଳର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବ୍ରହ୍ମପୁର ବିଧାୟକ, ବ୍ରହ୍ମପୁର ମହାନଗର ନିଗମ ମେୟର, ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ।

Ganjam

## ଦୀନଦୟାଲଙ୍କ ପୁଣ୍ୟତିଥି

ବିଶିଷ୍ଟ ଚିନ୍ତାନାୟକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥିରେ ଆଜି ଦେଶବାସୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ପଣ୍ଡିତ ଉପାଧ୍ୟାୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି, ତାଙ୍କ ଆଦର୍ଶ, ଚିନ୍ତାଧାରା ଦେଶର ପ୍ରତ୍ୟେକ ପିଢ଼ି ପାଇଁ ଆଦର୍ଶ ହୋଇରହିବ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଉଲ୍ଲେଖ କରିଛନ୍ତି, ଅନ୍ତ୍ୟୋଦୟ ଓ ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ବିକାଶରେ ତାଙ୍କର ଦର୍ଶନ ଆଜି ମଧ୍ୟ ଦେଶର ପ୍ରଗତି ପଥକୁ ପ୍ରଶସ୍ତ କରୁଛି। ରାଷ୍ଟ୍ର ନିର୍ମାଣ ଓ ଜନସେବା କ୍ଷେତ୍ରରେ ତାଙ୍କର ଆଦର୍ଶ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ' ଅନ୍ତ୍ୟୋଦୟ ଧାରଣାକୁ ରାଷ୍ଟ୍ର ଜୀବନର କେନ୍ଦ୍ରବିନ୍ଦୁ କରିଥିବା ଦୀନଦୟାଲ ଉପାଧ୍ୟାୟଙ୍କ ସମ୍ପୂର୍ଣ୍ଣ ଜୀବନ, ଭାରତୀୟତା, ସାଂସ୍କୃତିକ ଚେତନା ଏବଂ ସମାଜ ପ୍ରତି ସମର୍ପଣର ଜୀବନ୍ତ ଉଦାହରଣ ଥିଲା ବୋଲି ଉଲ୍ଲେଖ କରିଛନ୍ତି।

ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଜି ଦେଶବ୍ୟାପୀ ସମର୍ପଣ ଦିବସ ପାଳନ କରାଯାଉଛି। ଏହି ଅବସରରେ  ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ହିଲ୍‌ପାଟଣାସ୍ଥିତ କାର୍ଯ୍ୟାଳୟଠାରେ ଜିଲ୍ଲା ସଭାପତି ସରୋଜ ସାବତଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଣିଜ୍ୟ ଓ ପରିବହନ ଏବଂ ଖଣି ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ପଣ୍ଡିତ ଦୀନଦୟାଲ ପଥପ୍ରଦର୍ଶକ ରହି ଆସିଛନ୍ତି ବୋଲି କହିଥିଲେ।

Sambalpur

## ଜନଗଣନା

ସମ୍ବଲପୁର ଜିଲ୍ଲାରେ ଏପ୍ରିଲ ମାସ ୧୬ ତାରିଖରୁ ହେବାକୁ ଥିବା ଜନଗଣନାକୁ ଦୁଇ ପର୍ଯ୍ୟାୟରେ କରାଯିବ । ଏ ନେଇ ସମ୍ବଲପୁର ଜିଲ୍ଲାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏଥିରେ ସମ୍ବଲପୁର ଜିଲ୍ଲାର ସମସ୍ତ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାର, ଅତିରିକ୍ତ ତହସିଲଦାର ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଜନଗଣନାରେ ୨ ହଜାର ୨୨ ଜଣ କର୍ମଚାରୀ ସାମିଲ ହେବେ ବୋଲି ଅତିରିକ୍ତ ଜିଲ୍ଲାପାଳ ଅଶୋକ ଭୋର କହିଛନ୍ତି ।

Keonjhar

## ଜି.ରାମ.ଜି. କର୍ମଶାଳା

କେନ୍ଦୁଝର ଜିଲ୍ଲାରେ ବିକଶିତ ଭାରତ ଆଜୀବିକା ମିଶନ (ଗ୍ରାମୀଣ)– ଭି.ବି.– ଜି.ରାମ.ଜି.' ନିମନ୍ତେ ଗ୍ୟାରେଣ୍ଟିର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଏକ କର୍ମଶାଳା କେନ୍ଦୁଝର ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ଏହି ଯୋଜନାର ଉପାଦେୟତା ଓ ଆବଶ୍ୟକତା ଉପରେ ବିଶଦ ଆଲୋଚନା ହୋଇଛି । ନିଶ୍ଚିତ କର୍ମନିଯୁକ୍ତି ସହିତ ସ୍ଥାୟୀ ସମ୍ପତ୍ତି ସୃଷ୍ଟି ମାଧ୍ୟମରେ ଗ୍ରାମୀଣ ବିକାଶ, ପ୍ରତି ଗ୍ରାମୀଣ ପରିବାରକୁ ବର୍ଷକୁ ୧୨୫ ଦିନର କର୍ମନିଯୁକ୍ତିର ଗ୍ୟାରେଣ୍ଟି, ଜଳସୁରକ୍ଷା,

ସୁଦୃଢ଼ ଭିତ୍ତିଭୂମି, ଜୀବିକା ଅଭିବୃଦ୍ଧି ଓ ଜଳବାୟୁ ସହନଶୀଳତା ଭଳି ମୁଖ୍ୟ କାର୍ଯ୍ୟ ଉପରେ ସବିଶେଷ ସୂଚନା ଦିଆଯାଇଛି।

Desk

# ଜାତୀୟ କର୍ମଶାଳା

ଭୁବନେଶ୍ୱରରେ ଆଜିଠାରୁ ଜାପାନ ଅନ୍ତର୍ଜାତୀୟ ସହଯୋଗ ସଂସ୍ଥା–ଜାଇକା ସହାୟତାପ୍ରାପ୍ତ ବନୀକରଣ ପ୍ରକଳ୍ପ ସମୂହ ସଂପର୍କରେ ୧୪ତମ ଜାତୀୟ କର୍ମଶାଳା ଆରମ୍ଭ ହେଉଛି । ଏଥିରେ ଭବିଷ୍ୟତ ବନାଞ୍ଚଳ ପାଇଁ ପ୍ରସ୍ତୁତି ସହ ଜଳବାୟୁ ସହନଶୀଳତା, ଡିଜିଟାଲ ରୂପାନ୍ତରଣ ଏବଂ ସ୍ଥାୟୀ କାଷ୍ଠ ସମ୍ବଳିତ ଅର୍ଥନୀତି ସଂପର୍କରେ ଆଲୋଚନା ହେବ ।  ସିଂ ଖୁଣ୍ଟିଆ ଯୋଗ ଦେବେ ବୋଲି ଜଣାପଡ଼ିଛି ।

ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ଜାଇକାର ମିଳିତ ସହଯୋଗରେ ଅନୁଷ୍ଠିତ ଜାତୀୟ କର୍ମଶାଳା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ।

Ganjam

# ସ୍ୱାସ୍ଥ୍ୟ ମହୋତ୍ସବ

ବ୍ରହ୍ମପୁରର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆଠାରେ ତୃତୀୟ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ-୨୦୨୬ ଆଜି ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି।

ଏହି ସ୍ୱାସ୍ଥ୍ୟ ମହୋତ୍ସବରେ ଆଧୁନିକ ଚିକିତ୍ସା ସହ ଆୟୁର୍ବେଦ, ହୋମିଓପ୍ୟାଥିକ, ଯୋଗ, ପ୍ରାକୃତିକ ଚିକିତ୍ସା ଏବଂ ଭେଷଜ ଚିକିତ୍ସା ସମ୍ବନ୍ଧିତ ୮୧ଟି ପ୍ରଦର୍ଶନୀ ଷ୍ଟଲ ସ୍ଥାପନ କରାଯାଇଛି ।

Desk

# ବନକଲାଗି

ଫାଲ୍‌ଗୁନ କୃଷ୍ଣ ଦଶମୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗ ମଣ୍ଡପ ଭୋଗ ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

Nabarangpur/DHNKL/Nuapada/BHK/ Malkangiri/Ganjam(2)/SMBLPUR

# ଖବର ସଂକ୍ଷିପ୍ତରେ

ଭଦ୍ରକ ଜିଲ୍ଲା ଧାମନଗର ମହାବିଦ୍ୟାଳୟରେ ଗ୍ରାମାଞ୍ଚଳର ଯୁବକ ଯୁବତୀଙ୍କ ପାଇଁ ଅଗ୍ନିବୀର ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି ।

ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ଶୁକ୍ରବାରଠାରୁ ସୁଭଦ୍ରା ଶକ୍ତି ମେଳା ଆୟୋଜିତ ହେବ। ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ, ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ମାଲକାନଗିରି ଜିଲ୍ଲା ପରିଷଦ ସଭାକକ୍ଷଠାରେ ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଆୟୋଜନ ନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ନୂଆପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ନିରନ୍ତର ବିକାଶ-୨୦୩୦ ସମ୍ପର୍କରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି ।

ଗଞ୍ଜାମ ଜିଲ୍ଲାପାଳଙ୍କ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଗଞ୍ଜାମ ଜିଲ୍ଲାର ଉତ୍ତର ଘୁମୁସୁର ବନଖଣ୍ଡ ପକ୍ଷରୁ ବନାଗ୍ନି ପ୍ରଶମନ ଓ ପରିଚାଳନା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଗ୍ରୀଷ୍ମ ପୂର୍ବରୁ ବନାଗ୍ନି ପ୍ରଶମନକୁ ନେଇ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ନବରଙ୍ଗପୁର ଜିଲ୍ଲାର ବୀରପୁତ୍ର ଆଦିବାସୀ ବିପ୍ଳବୀ ନେତା ସହିଦ୍ ସ୍ୱାଧୀନତା ସଂଗ୍ରାମୀ ବଗା ପୂଜାରୀଙ୍କ ୮୪ତମ ଆତ୍ମ ବଳିଦାନ ଦିବସ ପାଳିତ ହୋଇଯାଇଛି । ତାଙ୍କ ଜନ୍ମସ୍ଥାନ ଉମରକୋଟ ବ୍ଲକ ବଡ଼ଘରଣ୍ଡିସ୍ଥିତ ସହିଦ୍ ସ୍ତମ୍ଭ ନିକଟରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।

ଢେଙ୍କାନାଳ ଜିଲ୍ଲା ଲେଖକ ସଂସଦ ଭବନରେ ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଆଇନ-୨୦୦୭ ସମ୍ପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ।